## ଯୁବକଙ୍କ ମୃତଦେହ ଜବତ

ଫୁଲବାଣୀ ଅଫିସ: ଫିରିଙ୍ଗିଆ ବ୍ଲକ ରତଙ୍ଗ ପଂଚାୟତ କୁଟିବାରୀ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ସେ ହେଲେ ସୁଜିତ ନାୟକ(୩୮) । ସୁଜିତ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡିନାହିଁ । ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସୁଜିତ ଘରୁ ଚାଲି ଆସି ଆଉ ଫେରି ନ ଥିଲେ । ଶୁକ୍ରବାର ପୂର୍ବାହ୍ନରେ ଗଡମୁଣ୍ଡା ଜଙ୍ଗଲ ପାଖରେ ତାଙ୍କ ମୃତଦେହ ପଡିଥିବା ଦେଖି ଲୋକେ ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ।

### ସଂକ୍ଷେପରେ

## ୨ ଦିନ ହେଲା ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ

### ନେଟୱର୍କ ନ ମିଳିଲେ ତାଲା ଖୋଲିବନି

ଫୁଲବାଣୀ ଅଫିସ, ୨୫।୧୧– ଫିରିଙ୍ଗିଆ ବ୍ଲକ ଡିମିରିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଲୋକେ ତାଲା ପକାଇଛନ୍ତି । ଯେ ପର୍ଯ୍ୟନ୍ତ ଅଞ୍ଚଳକୁ ନେଟ ୱାର୍କ ଯୋଗାଇ ନ ଦିଆଯାଇଛି, ସେ ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ପଞ୍ଚାୟତବାସୀ ଶୁକ୍ରବାର ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ଘଟଣାସ୍ଥଳରେ ତହସିଲଦାର ଏମ୍.ଅନୁରାଧା ଓ ଫିରିଙ୍ଗିଆ ଅତିରିକ୍ତ ଥାନାଧିକାରୀ ପ୍ରଦୀପ କୁମାର ରାଉଳ ପହଞ୍ଚି ବୁଝାସୁଝା କରିଥିଲେ ବି ଲୋକେ ଜିଦ୍‌ରେ ଅଟଳ ଅଛନ୍ତି । ସେପଟେ ଦୁଇଦିନ ହେଲା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିଛି । ଜନସାଧାରଣ ପୂର୍ବରୁ ପ୍ରଶାସନ, ରାଜନେତାଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କିଛି ସୁଫଳ ମିଳିନାହିଁ । ଅଞ୍ଚଳରେ ୩ବର୍ଷରୁ ଅଧିକ ହେବ ମୋବାଇଲ ଟାୱାର ନିର୍ମାଣ ହୋଇଥିଲେ ବି ଲୋକଙ୍କୁ ନେଟୱାର୍କ ମିଳିନାହିଁ । କାରଣ ଟାୱାରରେ କୌଣସି ଯନ୍ତ୍ରାଂଶ ଲାଗିନାହିଁ । ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଲୋକେ ପ୍ରକାଶ କରିଛନ୍ତି ।

## ଜୁଆ ଆଡ୍ଡାରୁ ୩ ଗିରଫ

ଟିକିଟି,୨୫।୧୧(ଡି.ଏନ.ଏ.)

କେ.ନୂଆଗାଁ ଥାନା ଟିକିଟି ଫାଣ୍ଡି ଅନ୍ତର୍ଗତ ଗୁରୁବାର ମଧ୍ୟରାତ୍ରିରେ ଦୀର୍ଘ ଦିନ ଧରି ଚାଲିଥିବା ମେଣ୍ଢାଗାଁର ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୧୭,୫୦୦ ଟଙ୍କା ଜବତ କରାଯାଇଥିବା କେ ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି ।

## ୨୭ରେ ମେଗା ସ୍ୱାସ୍ଥ୍ୟ ମେଳା

ଭଞ୍ଜନଗର, ୨୫।୧୧(ଡି.ଏନ.ଏ)– କରୋନା ଯୋଗୁ ପ୍ରାୟ ୩ ବର୍ଷ ହେବ ବନ୍ଦ ଥିବା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (କିମ୍ସ)ର ମେଗା ସ୍ୱାସ୍ଥ୍ୟ ମେଳା ଆସନ୍ତା ୨୭ ତାରିଖରୁ ପୁଣି ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକରୁ ଆରମ୍ଭ ହେବ । ଭଞ୍ଜନଗର ବ୍ଲକର ବାଇବାଲି ଏବଂ ଜଗନ୍ନାଥପ୍ରସାଦ ବ୍ଲକ ଅଢେଇଗାଁରେ ମେଗା ସ୍ୱାସ୍ଥ୍ୟ ମେଳା ହେବ ବୋଲି ଭଞ୍ଜନଗର ବ୍ଲକ ଏମ୍‌ପି ପ୍ରତିନିଧି ଦିବାକର ନାୟକ ଏବଂ ଜଗନ୍ନାଥପ୍ରସାଦ ବ୍ଲକ ଏମ୍‌ପି ପ୍ରତିନିଧି ବିପ୍ର ବାରିକ ମିଳିତ ଭାବେ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟ ମେଳାକୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ମାଗଣାରେ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବା ବ୍ୟବସ୍ଥା ଅଛି । କନ୍ଧମାଳ ଏମ୍‌ପି ଭାବେ ଡ. ଅଚ୍ୟୁତ ସାମନ୍ତ ୨୦୧୯ରେ ନିର୍ବାଚିତ ହେବା ପରେ ତାଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ଯାଉଥିବା ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର କରିବା ପାଇଁ ଘୋଷଣା କରିଥିଲେ । ଏହାପରେ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କିମ୍ସ ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଥିଲା । ଏହି ସମୟରେ କରୋନା ଆରମ୍ଭ ହୋଇଯିବାରୁ ସ୍ୱାସ୍ଥ୍ୟ ଶିବିର ବନ୍ଦ ହୋଇଯାଇଥିଲା ।

# ଇ-ଭେହିକିଲ ପ୍ରୋତ୍ସାହନ ରାଶି ନେଇନାହାନ୍ତି ମାଲିକ

### ଭଞ୍ଜନଗର ଆର୍‌ଟିଓରେ ପଡ଼ିରହିଛି ଲକ୍ଷାଧିକ ଟଙ୍କା

ଭଞ୍ଜନଗର,୨୫।୧୧(ଡି.ଏନ.ଏ)

ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି ବୃଦ୍ଧି ଯୋଗୁ ପ୍ରଦୂଷଣ ମାତ୍ରା ବଢ଼ୁଛି । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଇଲେକ୍ଟ୍ରି ଗାଡ଼ି (ଇ-ଭେହିକିଲ) ବ୍ୟବହାର ବୃଦ୍ଧି ପାଇଁ ପ୍ରୋତ୍ସାହନ ରାଶି ଦେଉଛନ୍ତି । ୨୦୨୧ ସେପ୍ଟେମ୍ବର ୧ରୁ ଯେଉଁମାନେ ଇ-ଭେହିକିଲ କିଣିଛନ୍ତି, ସେମାନଙ୍କୁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପ୍ରୋତ୍ସାହନ ରାଶି ଦେଉଛନ୍ତି । ୨ ଚକିଆ ଇଲେକ୍ଟ୍ରି ଗାଡ଼ିକୁ ୫ ହଜାର, ୩ ଚକିଆକୁ ୧୦ ହଜାର ଏବଂ ୪ ଚକିଆ ଯାନକୁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଛି । ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ୮୭ଟି ବିଦ୍ୟୁତ୍ ଗାଡ଼ି ପଞ୍ଜୀକୃତ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୧୫ ଜଣ ଗାଡ଼ି ମାଲିକ ପ୍ରୋତ୍ସାହନ ରାଶି ନେଇଛନ୍ତି । ବଳକା ୭୨ଟି ଗାଡ଼ିର ମାଲିକ ପ୍ରୋତ୍ସାହନ ରାଶି ନେଇନାହାନ୍ତି । ସଚେତନତା ଅଭାବ ଯୋଗୁ ଭଞ୍ଜନଗର ଆର୍‌ଟିଓରେ ଏ ବାବଦରେ ଲକ୍ଷାଧିକ ଟଙ୍କା ପଡ଼ିରହିଛି ।

ଯେଉଁ ଗାଡ଼ି ମାଲିକମାନେ ୨୦୨୧ ସେପ୍ଟେମ୍ବର ପହିଲାରୁ ଗାଡ଼ି କିଣି ପ୍ରୋତ୍ସାହନ ରାଶି ନେଇନାହାନ୍ତି ସେମାନେ ଏସ୍‌ଟିଏ ଓଏମ୍‌ଭିଡ଼ି ୱେବ୍‌ସାଇଟ୍ ଲିଙ୍କ୍‌କୁ ଯାଇ ଆବେଦନ କରିପାରିବେ । ଏଥିପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ । ଆବେଦନ ସମୟରେ ଗାଡ଼ିର ପଞ୍ଜୀକରଣ ନମ୍ବରକୁ ଆଧାର କରି କେବଳ ବ୍ୟାଙ୍କ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ଜେରକ୍ସ ଉକ୍ତ ଲିଙ୍କ୍‌ରେ ଦାଖଲ କରିବେ । ଏହାପରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନଲାଇନରେ କାଗଜପତ୍ର ଯାଞ୍ଚ କରାଯିବା ପରେ ଗାଡ଼ି ମାଲିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବ । ଏ ନେଇ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦୁଇ ଚକିଆ ଏବଂ ୩ ଚକିଆ ବିଦ୍ୟୁତ୍ ଯାନ ରେଜିଷ୍ଟ୍ରେଶନ ବିନା ଦେୟରେ ହେଉଛି । ରୋଡ଼ ପରିମିଟ୍ ମଧ ଦରକାର ନାହିଁ । ୨୫୦ ୱାଟ ତଳକୁ ଥିବା ବିଦ୍ୟୁତ୍ ଗାଡ଼ି ଗୁଡ଼ିକ ପାଇଁ ପଞ୍ଜୀକରଣ ଆବଶ୍ୟକ ନାହିଁ । ଇଲେକ୍ଟ୍ରି ଗାଡ଼ି କିଣିବା ଉପରେ ସରକାର ପ୍ରୋତ୍ସାହନ ଦେଉଛନ୍ତି । ଯେଉଁ ଗାଡ଼ି ମାଲିକମାନେ ପ୍ରୋତ୍ସାହନ ରାଶି ପାଇନାହାନ୍ତି ସେମାନେ ଆବେଦନ କରିବା ପରେ ତୁରନ୍ତ ଟଙ୍କା ଦେବା ବ୍ୟବସ୍ଥା କରାଯିବ । ଆଗାମୀ ଦିନରେ ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ରାୟ କହିଛନ୍ତି ।

ଅନ୍ୟପକ୍ଷରେ ସରକାର ଅଜଣା ଗାଡ଼ି ଧକ୍କାରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ କିମ୍ବା ଗୁରୁତର ଆହତ ହେଲେ ସେମାନଙ୍କ ପରିବାକୁ ସହାୟତା ପ୍ରଦାନ ପାଇଁ ସୋଲାସିୟମ ଫଣ୍ଡ ଗଠନ କରିଛନ୍ତି । ଅଜଣା ଗାଡି ଧକ୍କାରେ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ଦିଆଯାଉଛି । ସରକାରଙ୍କ ଏହି ଫଣ୍ଡ ସମ୍ପର୍କରେ ଅନେକ ଅବଗତ ନ ଥିବାରୁ କ୍ଷତିପୂରଣ ପାଇପାରୁନାହାନ୍ତି । ଭଞ୍ଜନଗର ଆର୍‌ଟିଓ ପକ୍ଷରୁ ଗୁରୁବାର ସୁଦ୍ଧା ୬ଜଣଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୩ ମୃତକଙ୍କ ପରିବାରକୁ ସହାୟତା ଦେବାପାଇଁ କାଗଜପତ୍ର ଚାଲିଛି । କୌଣସି ଗୁରୁତର ବ୍ୟକ୍ତି ସହାୟତା ପାଇଁ ଆବେଦନ କରି ନ ଥିବା ଜଣାପଡ଼ିଛି ।



ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ।

# ଲୋକଙ୍କୁ ମିଳୁନି ପିଇବା ପାଣି, ପାଇପ୍ ଫାଟି ରାସ୍ତାରେ ଭାସୁଛି


ଲକ୍ଷ୍ମୀ ବଜାର ରାସ୍ତାରେ ପାଇପ ଲାଇନ ଫାଟି ପାଣି ଭାସୁଛି ।

ଜି.ଉଦୟଗିରି,୨୫।୧୧(ଡି.ଏନ.ଏ.)

ଜି.ଉଦୟଗିରି ସହରର ଅନେକ ସାହିକୁ ଠିକ୍ ଭାବେ ପିଇବା ପାଣି ମିଳୁ ନ ଥିବା ବେଳେ ଲକ୍ଷ୍ମୀବଜାର ନିକଟରେ ପାଇପ ଫାଟି ବଜାର ସାରା ପାଣି ଭାସୁଛି । ବହୁ ବର୍ଷ ଧରି ଜି.ଉଦୟଗିରି ସହରରେ ଏହି ପାନୀୟ ଜଳ ସଂକଟ ଲାଗି ରହିଥିଲା । ମେଗା ପାନୀୟ ଜଳ ପ୍ରକଳ୍ପ ହେବା ପରେ ଏହି ସମସ୍ୟା କେତେକ ପରିମାଣରେ ସମାଧାନ ହୋଇଛି । ଏବେ ପାଇପ୍ ଲାଇନ୍‌ଗୁଡିକର ଠିକ ଭାବେ ତଦାରଖ କରା ନ ଯିବା ଫଳରେ ସହରର ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ପାଣି ଭାସୁଛି । ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟରେ ଟ୍ୟାପ ନ ଥିବାରୁ ଅନବରତ ପାଣି ନଷ୍ଟ ହେବାରେ ଲାଗିଛି । ଗୁରୁବାର ଲକ୍ଷ୍ମୀ ବଜାରରେ ପାଇପ ଫାଟି ପାଣି ଭାସୁଥିବାରୁ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେଉଛି । ଶୀଘ୍ର ମରାମତି କରିବା ପାଇଁ ଲକ୍ଷ୍ମୀ ବଜାରର ସୁରେନ୍ଦ୍ର କୁମାର ଦାଶ, ଦେବୀ ପ୍ରସାଦ ଦାଶ, ଅଶ୍ୱିନ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

# ୨ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ

ଜଗନ୍ନାଥପ୍ରସାଦ,୨୫।୧୧(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ଗ୍ରାମରେ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ନାବାର୍ଡ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ ସଙ୍ଗଠନ ବି ମାସ୍ ଏବଂ ମା କନ୍ଧୁଣୀ ଦେବୀ ଜଳ ବିଭାଜିକା ପ୍ରକଳ୍ପ ଓ ଗୌଡ଼ ଖୋଲ ଜଳ ବିଭାଜିକା ପ୍ରକଳ୍ପ ଦ୍ୱାରା ପରିଚାଳିତ ହୋଇଥିଲା । ବରଗାଁ ଓ ଅଢେଇଗାଁ ପଞ୍ଚାୟତରେ ଗ୍ରହଣ କରାଯାଇଥିବା ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରିତା ଶୁଭାରମ୍ଭ ନାବାର୍ଡ ଜିଲା ଉନ୍ନୟନ ପରିଚାଳକ ସଞ୍ଜୀବ ମିଶ୍ରଙ୍କ ଦ୍ୱାରା ହୋଇଥିଲା । ଅଗାମୀ ୪ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ଲକ୍ଷ୍ୟ ରହିଥିବା ଡିଡ଼ିଏମ୍ ମିଶ୍ର କହିଥିଲେ । ଅଞ୍ଚଳବାସୀଙ୍କ ସହଯୋଗକ୍ରମେ ସମସ୍ତ କାର୍ଯ୍ୟକ୍ରମ ଆଗକୁ ବଢ଼ାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ସେହିଭଳି କୃଷି ଓ କୃଷକ, ମହିଳା ସଶକ୍ତିକରଣ କ୍ଷେତ୍ରରେ ନାବାର୍ଡର ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ସିଦ୍ଧାର୍ଥ ଶଙ୍କର, କୃଷି ସହାୟକ ସଞ୍ଜୀବ କୁମାର ନାୟକ, ବି ମାସ୍ ପ୍ରକଳ୍ପ ଅଧିକାରୀ ଦାଶରଥି ତ୍ରିପାଠୀ, ଏ.ରାଜଲକ୍ଷ୍ମୀ, ଅସିତଚାନ୍ଦ ସାହୁ, ଇଂ ସୁଜିତ ମହାନ୍ତି, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ଦେବି ପ୍ରସାଦ ବେହେରା, ସଂଯୋଜକ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଶେଷରେ ପୂର୍ବରୁ ତାଲିମ୍ ପ୍ରଦାନ କରାଯାଇଥିବା ୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପେପର ପ୍ଲେଟ ମେଶିନ ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳର ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଶିଶୁଲେଖକ କର୍ମଶାଳା ଆୟୋଜିତ

ଗଞ୍ଜାମ,୨୫।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ, ନନ୍ଦନାପଲ୍ଲୀ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖନୀ କର୍ମଶାଳା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି.କେ ନାରାୟଣ ରେଡ୍ଡୀ ସଭାପତିତ୍ୱ କରିଥିବା ବେଳେ ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା ମୁଖ୍ୟ ଅତିଥି, ଅଧ୍ୟାପକ ତପନ କୁମାର ତରେଇ ମୁଖ୍ୟବକ୍ତା, ୱାର୍ଡ ମେମ୍ବର ଚନ୍ଦ୍ରମା ରେଡ୍ଡୀ, ଖଣ୍ଡଦେଉଳୀ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ନାୟକଙ୍କ ସମେତ ଧନୁ ରେଡ୍ଡୀ, ଗ୍ରାମ୍ୟ ସଭାପତି କେ ସୀମାଞ୍ଚଳ ରେଡ୍ଡୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଗଳ୍ପ, ପ୍ରବନ୍ଧ, କବିତା ବିଭାଗର ପଠନ, ଲିଖନ ଓ ଆବୃତ୍ତି ଆଦି ଅନୁଷ୍ଠିତ ହୋଇଥିଲା । ଭାଷା ଓ ସାହିତ୍ୟ ମାଧ୍ୟମରେ ପିଲାଙ୍କ ଭିତରେ ବିଭିନ୍ନ ଦକ୍ଷତା ବୃଦ୍ଧିର ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଓ ପ୍ରଧାନଶିକ୍ଷକ ପରିଚାଳନା କରିଥିବା ବେଳେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଏସ୍ ଡମ୍ବରୁ ରେଡ୍ଡୀ, ମାଗି ରେଡ୍ଡୀ, ଶ୍ରଦ୍ଧାଞ୍ଜଳି ପ୍ରଧାନ ଭାଇ, ପରିଚାଳନା କମିଟିର ସଦସ୍ୟ, ପିତୃମାତୃ ଅଭିଭାବକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ପ୍ରଧାନ ଶିକ୍ଷକ ରଶ୍ମିତା କୁମାରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

# ଡିସେମ୍ବର ପହିଲାରେ ହୋଇପାରେ ଇକୋ ରିଟ୍ରିଟ୍ ଶୁଭାରମ୍ଭ

### ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କ ସମୀକ୍ଷା

ଦାରିଙ୍ଗବାଡ଼ି,୨୫।୧୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକଠାରେ ତୃତୀୟ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଇକୋରିଟ୍ରିଟ୍ ହେଉଛି । ଏହି ପରିପ୍ରେକ୍ଷିରେ ନୂତନ ଜମିରେ ଚଳିତ ବର୍ଷ ଇକୋରିଟ୍ରିଟ କରାଯାଉଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ବହୁତ କମ୍ ସମୟ ମଧ୍ୟରେ ଏକ ପାହାଡ଼ ଉପରେ ଏହି ଇକୋରିଟ୍ରିଟ୍ କରାଯାଇଛି । ଏଥିପାଇଁ ଉକ୍ତ ପାହାଡ଼କୁ ସମତଳ କାର୍ଯ୍ୟ ସହ ତାକୁ ଷ୍ଟେପ ଷ୍ଟେପ୍ କରାଯାଇଛି । ନୂତନ ବିଦ୍ୟୁତ୍ ଯୋଗାଣ ସମେତ ପିଇବା ପାଣି ବ୍ୟବସ୍ଥା, ପେବରବ୍ଲକ କାର୍ଯ୍ୟ ସମେତ କଟେଜ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଇଭେଣ୍ଟ ପାଇଁ ବ୍ୟବସ୍ଥା ଇକୋରିଟ୍ରିଟ୍‌କୁ ଯାତାୟାତ ପାଇଁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆଦିକୁ ଯୁଦ୍ଧ କାଳୀନ ଭିତ୍ତିରେ କରାଯାଇଛି । ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ ତତ୍ତ୍ୱାବଧାନରେ ତହସିଲଦାର ଡ.ଅଶୋକ କୁମାର ଦାସ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସ୍ୱାଇଁ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ସମେତି ବିଭିନ୍ନ ବିଭାଗର ଅଧିକାରୀ ଏହି କାର୍ଯ୍ୟକୁ ପ୍ରାଥମିକତା ଦେଇ କରୁଛନ୍ତି । ଡିସେମ୍ବର ପହିଲାରେ ଏହାର ଶୁଭ ଉଦ୍‌ଘାଟନ କରାଯିବାକୁ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି । କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଦାରିଙ୍ଗବାଡ଼ି ଗସ୍ତରେ ଆସି ନିର୍ମାଣାଧିନ ଇକୋରିଟ୍ରିଟର କାର୍ଯ୍ୟ ତଦାରଖ କରୁଥିବା ବେଳେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ମଙ୍ଗଳବାର ଦାରିଙ୍ଗବାଡ଼ିରେ ଇକୋ ରିଟ୍ରିଟ୍ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି । ବିଧାୟକ ସାଲୁଗା ପ୍ରଧାନ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିବା ସହ ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର ପରିଦର୍ଶନ କରିବା ସହ କଫି ବଗିଚା ଏବଂ କଫି କାଫେ ହେବାକୁ ରହିଥିବା ସ୍ଥାନ ପରିଦର୍ଶନ କରି ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏଥିସହ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନଯୋଗ୍ୟ, ଦାରିଙ୍ଗବାଡ଼ି ଓଡ଼ିଶାର କାଶ୍ମୀର କୁହାଯାଉଥିବା ବେଳେ ଏଠାରେ ଏହି ଦିନରେ ବହୁତ ଶୀତ ଅନୁଭୂତ ହେଉଛି । ଇକୋରିଟ୍ରିଟ୍‌କୁ ରାଜ୍ୟ ସରକାର ପର୍ଯ୍ୟଟକର ବିକାଶ ପାଇଁ କରୁଛନ୍ତି । ଏଠାରେ ତୃତୀୟ ବର୍ଷ ପାଳନ କରାଯାଉଛି । ୨୦୨୧ରେ ବିଳମ୍ବ ହୋଇ ଡିସେମ୍ବର ୧୫ରେ ଏହା ଦ୍ୱିତୀୟଥର ପାଇଁ ଆରମ୍ଭ କରାଯାଇଥିଲା ଚଳିତଥା ଆଉ ୧୫ ଦିନ ପୂର୍ବରୁ ହେବା ସମ୍ଭାବନା ରହିଛି ।


ଇକୋରିଟ୍ରିଟ୍‌ର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ।

## ଆମ ପୋଲିସ ସମିତି ବୈଠକ

ପୁରୁଷୋତ୍ତମପୁର,୨୫।୧୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତିର ବୈଠକ ରଣଝାଲି ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ପୌରହିତ୍ୟ କରି ଅନ୍ଧବିଶ୍ୱାସ ଗୁଣି ଗାରେଡ଼ି, ଝଡା ଫୁଙ୍କାକୁ ଦୂରେଇବା, ଚୋରା ନିଶା କାରବାରକୁ ରୋକିବା, ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରଦାନ କରିବା, ଜାତିଆଣ ଭେଦଭାବକୁ ଦୂରିକରଣ କରିବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ପ୍ରତି ସତର୍କତା ଅବଲମ୍ବନ କରିବା ଆଦି ସମ୍ପର୍କରେ ସଚେତନତା କରି ଗ୍ରାମରେ ଭାଇଚାରାର ସହ ଶାନ୍ତି ଶୃଙ୍ଖଳାର ସହ ଜୀବନ ଯାପନ ଲାଗି ବିଭିନ୍ନ ପରାମର୍ଶ ମାନ ଦେଇ ସଚେତନତା କରିଥିଲେ । ଏଥିରେ ଥାନା ଏଏସ୍‌ଆଇ ରବିନ୍ଦ୍ର ନାଥ ପାଣିଗ୍ରାହୀ, ସରପଞ୍ଚ ଅନିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ପାତ୍ରପୁର/ଶେରଗଡ଼, ୨୫।୧୧(ଡି.ଏନ.ଏ.)

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପାତ୍ରପୁର ବ୍ଲକ ତରଫରୁ ଶୁକ୍ରବାର ପାତ୍ରପୁର ତଳ ବସ୍‌ଷ୍ଟାଣ୍ଡଠାରୁ ସ୍ଲୋଗାନ ମାଧ୍ୟମରେ ଏକ ରାଲି ବାହାରି ସିଡିପିଓ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଧାରଣା ଦେଇଥିଲେ । ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ଓ ଦରମା ବୃଦ୍ଧି ସହ ସହାୟିକାଙ୍କୁ ଦଶ ହଜାର ଟଙ୍କା ବେତନ ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ ଏବଂ ଗ୍ରାଚ୍ୟୁଇଟି ଲାଗୁ କରିବା ଆଦି ଦାବି ନେଇ କର୍ମୀମାନେ ଗର୍ଜନ କରିଥିଲେ । ଏହି ଧାରଣାସ୍ଥଳରେ ଜିଲା ସଂଘ ସମ୍ପାଦିକା ମଞ୍ଜୁବାଳା ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କ ପ୍ରତି କରିଥିବା ଅବିଚାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାପତି ନଳିନୀ ମହାନ୍ତି, ସମ୍ପାଦିକା ହେମଲତା ମହାନ୍ତି, କୋଷାଧକ୍ଷ ଭୈରବୀ ମହାନ୍ତିଙ୍କ ସମେତ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ଧାରଣାରେ ଯୋଗ ଦେଇଥିଲେ । ସେହିପରି ଶେରଗଡ଼ ଅଙ୍ଗନୱାଡି କର୍ମୀ ଓ ସହାୟିକା ସିଡିପିଓ ଅଫିସ ଆଗରେ ଧାରଣା ଦେଇଛନ୍ତି ।

# ୩ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚୁକ୍ତିକୁ ବର୍ଷେ

### ହୋଇନି ଜମି ଡିମାର୍କେଶନ

ଛତ୍ରପୁର,୨୫।୧୧(ଡି.ଏନ.ଏ)

ଗଞ୍ଜାମ ଜିଲାର ୩ ବ୍ଲକରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନେଇ ଗ୍ରାମ୍ୟ କାର୍ଯ୍ୟ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲା । ପରେ ଏଥିପାଇଁ ଠିକାଦାରଙ୍କ ସହ ବିଭାଗର ଚୁକ୍ତି ହୋଇଥିଲା । ତେବେ ଚୁକ୍ତିର ବର୍ଷକ ପରେ ମଧ ଏହି କାମ ଆରମ୍ଭ ହୋଇପାରୁନି । ଉକ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବଶ୍ୟକ ପଡୁଥିବା ଜମିର ଡିମାରକେଶନ ବିଳମ୍ବ ନେଇ ଏପରି ସମସ୍ୟା ଦେଖାଦେଇଛି । ଜମିର ଡିମାରକେଶନ ହୋଇନଥିବାରୁ ରାସ୍ତା କାମର ଅହେତୁକ ବିଳମ୍ବ ହେଉଥିବା ନେଇ ଗଞ୍ଜାମ ଗ୍ରାମ୍ୟ କାର୍ଯ୍ୟ ବିଭାଗ-୨ର ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ କୁକୁଡାଖଣ୍ଡି, ପାତ୍ରପୁର ଓ ସାନଖେମୁଣ୍ଡି ତହସିଲଦାରଙ୍କୁ ଚିଠି କରି ଅବଗତ କରାଯାଇଛି । ଆବଶ୍ୟକ ଜମିର ଡିମାରକେଶନ ଲାଗି ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେବାକୁ ତହସିଲଦାରମାନଙ୍କୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ମଧ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଚିଠି ଦ୍ୱାରା ଜଣାଇଛନ୍ତି । ସୂଚନା ଅନୁସାରେ, କୁକୁଡାଖଣ୍ଡି ବ୍ଲକ ଅଧିନ ଏନ୍‌ଏମ ସାହି ଆର୍‌ଡି ରାସ୍ତା ବ୍ରାହ୍ମଣସାହିଠାରୁ ମଞ୍ଜରୀ ନଗର ରାସ୍ତା, ପାତ୍ରପୁର ବ୍ଲକ ଅଧିନ ପିଡବ୍ଲ୍ୟୁଡି ରାସ୍ତାଠାରୁ ଜୟନ୍ତୀପୁର ତୁଡିପୁର ରାସ୍ତା ଏବଂ ସାନଖେମୁଣ୍ଡି ବ୍ଲକ ଅଧିନ ମଉଳଭଞ୍ଜା -ଚଞ୍ଚଡାପଲ୍ଲୀ ରାସ୍ତାର ଦୁଇ ପାର୍ଶ୍ୱ ପ୍ରଶସ୍ତୀକରଣ କାର୍ଯ୍ୟ ଲାଗି ୨୦୨୧ ଡିସେମ୍ବରରେ ଠିକାଦାରଙ୍କ ସହ ବିଭାଗ ପକ୍ଷରୁ ଚୁକ୍ତି ହୋଇଥିଲା । ମାତ୍ର ଜମି ଡିମାରକେଶନ ହେଉନଥିବାରୁ ଏହି କାମ ଆରମ୍ଭ ହୋଇପାରୁନି । ସେହିପରି ପାତ୍ରପୁର ବ୍ଲକ ଅଧିନ ପାତ୍ରପୁର ଆଇଟିଆଇର ଏକାଡେମିକ କମ୍ ୱାର୍କସପ୍ ବିଲଡିଂ ନିର୍ମାଣ ଲାଗି ଗତ ୪ ମାସ ପୂର୍ବେ ଠିକାଦାରଙ୍କ ସହ ଚୁକ୍ତି କରି ଗଞ୍ଜାମ ଗ୍ରାମ୍ୟ କାର୍ଯ୍ୟ ବିଭାଗ-୨ କାର୍ଯ୍ୟାଦେଶ ଦେଇଥିଲା । ମାତ୍ର ଏଥିପାଇଁ ଆବଶ୍ୟକ ଜମିର ଡିମାରକେଶନ ହୋଇନଥିବାରୁ କାମ ଆରମ୍ଭ ହୋଇପାରୁନଥିବା ଜଣାପଡିଛି ।

# ଓଡ଼ିଶା ଡ୍ରାଇଭର ମହାସଂଘର ସାଧାରଣ ବୈଠକ

ନୂଆଗଡ଼,୨୫।୧୧

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ସ୍ଥିତ ହାଟପଦାଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ନୂଆଗଡ଼ ବ୍ଲକର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ତିନୋଟି ଜୋନ ତଥା ନୂଆଗଡ଼, ପୁରୁଣାପଡା ଏବଂ ସମ୍ବଲପୁର ଅଞ୍ଚଳର ସଂଘରେ ଜଡ଼ିତ ଥିବା ଶତାଧିକ ଡ୍ରାଇଭର ଯୋଗଦେଇଥିଲେ । ଓଡିଶା ଡ୍ରାଇଭର ମହାସଂଘ ନୂଆଗଡ ବ୍ଲକର ନୂତନ ଭାବେ ଗଠନ ହୋଇଥିବା କର୍ମକର୍ତ୍ତା ବ୍ଲକ ଆଡମିନ ତଥା ସଭାପତି ଜଗା ପାଇକ, ଉପସଭାପତି ନରେନ ରଇତ, ସଂଗଠନ ସଭାପତି ରବିନ୍ଦ୍ରନାଥ ପାଇକ, ଉପ ସଭାପତି ମୁନା ପ୍ରଧାନ, ସମ୍ପାଦକ ଜୟ ବଡରଇତ, ସହ ସମ୍ପାଦକ କାହ୍ନୁ ଗୌଡ଼, କୋଷାଧକ୍ଷ କୈଳାଶ ବଡ଼ରଇତ, ଉପଦେଷ୍ଟା ରଙ୍କନିଧି ମାଝୀ ସମେତ ପଞ୍ଚାୟତ ସ୍ତରର ଆଡମିନ ଭାବେ ଦାୟିତ୍ୱ ନେଇଥିବା ପ୍ରତ୍ୟେକଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ବୈଠକରେ ସଙ୍ଗଠନକୁ କିଭଳି ସୁଦୃଢ କରାଯିବ, ଏକତାକୁ ବଜାଇ ରଖିବା, ସଂଘରେ ଜଡ଼ିତ ଥିବା ଡ୍ରାଇଭରମାନଙ୍କ ଅସୁବିଧା ସମୟରେ ଛିଡ଼ା ହେବା, ସଂଘର ନୀତି ନିୟମ ପାଳନ କରିବା, ସଂଘର ସଦସ୍ୟଙ୍କ ଯଦି କୌଣସି ଅସୁବିଧା ହୁଏ ତେବେ ସଂଘ ପକ୍ଷରୁ କିଭଳି ସାହାଯ୍ୟ ସହଯୋଗ କରାଯିବ, ଗାଡି ଚଳାଉଥିବା ସମୟରେ କିଛି ଅସୁବିଧା ହେଲେ ସଂଘକୁ ଜଣେଇବା ଭଳି ସରକାର ଏବଂ ସଂଘର ନୀତିନିୟମ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ପ୍ରବୋଧ ପରିଛା, ସଞ୍ଜୀବ ବେବର୍ତ୍ତା, ମାନସ ଦଳାଇ, ରାମ ସାନ ନାୟକ, ବାଦଲ ଦଳାଇ, ସନ୍ତୋଷ ଗୌଡ଼, ଶିବ ପାଇକ, ଶାନ୍ତନୁ ପାଇକ, ଅକ୍ଷୟ ପାଇକ ପରିଚାଳନା କରିଥିଲେ ।



ବୈଠକରେ ଉପସ୍ଥିତ ଓଡ଼ିଶା ଡ୍ରାଇଭର ମହାସଂଘ ସଦସ୍ୟ ।

## ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ:** ବଡବଜାର ଥାନା ହରିଡାହାଣ୍ଡି ଶାନ୍ତିନଗର ତୃତୀୟ ଲାଇନରେ ରହୁଥିବା ଜଣେ ମହିଳା ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସାରଥୀ ସାହୁଙ୍କ ସ୍ତ୍ରୀ ଗୌରୀ (୪୬)। ପୋଲିସ ଏମ୍‌କେସିଜି ମେଡିକାଲରେ ପହଞ୍ଚି ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୌରୀ କୌଣସି ଏକ କାମ ପାଇଁ ଟଙ୍କା ଧାର ଆଣି ଶୁଝି ପାରି ନ ଥିବାରୁ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଗୁରୁବାର ରାତିରେ ପରିବାର ଲୋକଙ୍କ ସହ ଖାଇ ସାରିବା ପରେ ଶୋଇବାକୁ ଯାଇଥିଲେ। ସକାଳୁ ସାରଥୀ ଉଠିବାରେ ସ୍ତ୍ରୀ କୋଠରୀରେ ନ ଥିବା ଦେଖି ସନ୍ଦେହ ହୋଇଥିଲା। ପରେ ସେ ଓ ତାଙ୍କ ପୁଅ ଉତ୍ତମ ଖୋଜାଖୋଜି କରିବା ବେଳେ ରୋଷେଇ ଘରେ ଗୌରୀ ଝୁଲୁଥିବା ଦେଖିଥିଲେ।

## ସଂକ୍ଷେପରେ

### ରେଳଧାରଣାରୁ ଛାତ୍ରଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୫।୧୧:** ସରକାରୀ ରେଳବାଇ ପୋଲିସ (ଜିଆରପି) ଶୁକ୍ରବାର କନିଷ୍ଠ -ଶିହଳା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଆସିକା ନିକଟସ୍ଥ ଝଗଡ଼େଇର ସଂଗ୍ରାମ ବେହେରା (୨୪)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସଂଗ୍ରାମ କନିଷ୍ଠିସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନରେ ବିଇଡ଼ି ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ କନିଷ୍ଠି ଛଟେଇ କଲୋନୀରେ ଏକ ଘର ଭଡା ନେଇ ରହୁଥିଲେ। ଗୁରୁବାର ରାତିରେ ସଂଗ୍ରାମ କୌଣସି ମାନସିକ ଅଶାନ୍ତିକୁ କେନ୍ଦ୍ରକରି ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତଦେହ ନିକଟରୁ ପୋଲିସ ଏକ ମୋବାଇଲ ଫୋନ ଜବତ କରିଥିଲା। ସଂଗ୍ରାମଙ୍କ ବାପା ଓ ସାନ ଭାଇ ଆସି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ନଂ. ୯୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

### ଇତିହାସ ବିଭାଗ ପକ୍ଷରୁ ସ୍ୱାଗତ ସମାରୋହ

**ବ୍ରହ୍ମପୁର ଅଫିସ, ୨୫।୧୧:** ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଇତିହାସ ବିଭାଗ ପକ୍ଷରୁ ସ୍ନାତକୋତ୍ତର ପ୍ରଥମ ବର୍ଷ ଓ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଲାଗି ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ଼.କାହ୍ନୁ ଚରଣ ପାଢ଼ୀ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗର ଡ଼.ରବିନ୍ଦ୍ର କୁମାର ପ୍ରଦାନ ଉପସ୍ଥିତ ରହିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ଼. ଚିତ୍ତରଞ୍ଜନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ଓ ଶେଷ ବର୍ଷ ଏବଂ ସ୍ନାତୋକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀମାନେ ଏହି ଅବସରରେ ପୁଷ୍ପଗୁଚ୍ଛ ଦେଇ ପ୍ରଥମ ବର୍ଷ ଯୁକ୍ତ ୩ ଓ ସ୍ନାତକୋତ୍ତର ଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ନୁତନ ଓ ପୁରାତନ ଛାତ୍ରୀଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ହୋଇଥିଲା। ଏଥିସହ କ୍ୟାମ୍ପସ ପରିସରରେ ଆବଶ୍ୟକ ସ୍ଥଳେ ପ୍ରତ୍ୟେକ ଜୁନିୟର ଓ ସିନିୟର ଛାତ୍ରୀମାନେ ପରସ୍ପର ପାଠପଢ଼ାରେ ସହଯୋଗ କରିବେ ବୋଲି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧାପିକା ସୁନୀତା ସାହୁ, ବିନ୍ଦିଆ ବେହେରା, ମଧୁସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଓଜେୟୁ ପକ୍ଷରୁ ଦାବିପତ୍ର ପ୍ରଦାନ

**ଛତ୍ରପୁର,୨୫।୧୧(ଡି.ଏନ.ଏ.):** ଓଡିଶା ସାମ୍ବାଦିକ ସଂଘ (ଓଜେୟୁ )ର ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜଙ୍କ ଆହ୍ୱାନକ୍ରମେ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଜରିଆରେ ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ଆର୍ଥିକ ସହାୟତା ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ଆଦି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ରାଜ୍ୟ ମହିଳା ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଶବର କୁମାର ତରାଇ, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, କେ. ରଜନୀ କାନ୍ତ ରେଡ୍ଡୀ ପ୍ରମୁଖ ଓଜେୟୁ ଜିଲା କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ।

### ସିପିଆଇ ଯୁବ ଛାତ୍ର, ମହିଳା ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୨୫।୧୧:** ବ୍ରହ୍ମପୁର ମହାନଗରରେ ନାଳନର୍ଦ୍ଦମା ଓ ରାସ୍ତାଅବସ୍ଥା ଶୋଚନୀୟ ହୋଇଯାଇଛି। ଏହା ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ସିପିଆଇ ବ୍ରହ୍ମପୁର ଶାଖା ଚେତାବନୀ ଦେଇଛି। ଶୁକ୍ରବାର ବ୍ରହ୍ମପୁର ଶାଖା ସିପିଆଇ ମହିଳା ଯୁବ ଓ ଛାତ୍ର ସଂଗଠନର ମିଳିତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବେକାରୀ ସମସ୍ୟାର ସମାଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର, ଯୁବ ସଂଘ ରାଜ୍ୟ ନେତା ପ୍ରଦୀପ ସେଠୀ, ଜୋନାଲ ସମ୍ପାଦକ କାମଦେବ ନାହାକ ଯୋଗ ଦେଇଥିଲେ। ଆର.ବିଜୟ ଲକ୍ଷ୍ମୀ ଅଧକ୍ଷତା କରିଥିବା ବେଳେ ପ୍ରଭାତୀ ଦେବୀ, ସୁଧାଂଶୁବାଳା ଆଚାରୀ, ସୁପ୍ରଭା ପାଢ଼ଯୋଷୀ ଓ କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀ ଅବସରରେ ବର୍ଷକ ପାଇଁ ମହିଳା ଶାଖା ସହ ସମ୍ପାଦକ ଭାବେ ଆର.ବିଜୟଲକ୍ଷ୍ମୀ, ଯୁବ ଛାତ୍ର ଶାଖାର ସମ୍ପାଦକ ଭାବେ ଯଥାକ୍ରମେ ମହେନ୍ଦ୍ର ପାତ୍ର ଓ କୃଷ୍ଣଚନ୍ଦ୍ର ବେହେରା ନିର୍ବାଚିତ ହୋଇଛନ୍ତି।

# ଜିଲାରେ ୧୩ ଲକ୍ଷ ୪୯୭ ହେକ୍ଟର ମାଣ୍ଡିଆ ଚାଷ

**ବ୍ରହ୍ମପୁର ଅଫିସ,୨୫।୧୧**

ପୁଷ୍ଟିକର ଖାଦ୍ୟ ଓ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମାଣ୍ଡିଆ ବେଶ୍ ସହାୟକ। ଏଥିସହ ମାଣ୍ଡିଆ ପୁଷ୍ଟିହୀନତାକୁ ଦୂର କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମିଲଟ ମିଶନ ମାଧ୍ୟମରେ ଚାଷୀ ସମେତ ମିଶନ ଶକ୍ତି ଗ୍ରୁପ୍‌କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ମାଣ୍ଡିଆ ଚାଷ କିଭଳି ଅଧିକ ହେବା ସହ ଚାଷୀମାନେ ଉପକୃତ ହେବେ ସେ ନେଇ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତଦନୁଯାୟୀ ଗଞ୍ଜାମ ଜିଲାରେ ମାଣ୍ଡିଆ ଚାଷ ବୃଦ୍ଧି ପାଇବା ସହ ଚାଷୀମାନେ ଉପକୃତ ହେଉଥିବା ଦେଖିବାକୁ ମିଳିଛି।

ଚଳିତ ବର୍ଷ ଜିଲାରେ ୧୬ ହଜାର ୨୪ ହେକ୍ଟରରେ ମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଚଳିତ ଥର ୧୩ ଲକ୍ଷ ୪୯୭ ହେକ୍ଟରରେ ମାଣ୍ଡିଆ ଚାଷ ହୋଇଥିବା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏଥିମଧ୍ୟରୁ ଜିଲାରେ ଆସିକା ଅଞ୍ଚଳରେ ୧୧୨ ହେକ୍ଟର, ଶେରଗଡ ୨୧୦ ହେକ୍ଟର, ଧରାକୋଟ ୬୦୦ ହେକ୍ଟର, ସୋରଡା ୯୯୦ ହେକ୍ଟର, ପାତ୍ରପୁର

### କୁଇଣ୍ଟାଲ ପିଛା ୩୫୭୮ ଦରରେ କିଣିବେ ସରକାର



ମାଣ୍ଡିଆ ଚାଷ।

୨୪୫୮ ହେକ୍ଟର, ଚିକିଟି ୭୧୭ ହେକ୍ଟର, ରଙ୍ଗେଇଲୁଣ୍ଡା ୨୨୦ ହେକ୍ଟର, ଦିଗପହଣ୍ଡି ୨୩୪ ହେକ୍ଟର, ସାନଖେମୁଣ୍ଡି ୧୦୯୨ ହେକ୍ଟର, କୁକୁଡାଖଣ୍ଡି ୨୭୦ ହେକ୍ଟର, ଖଲ୍ଲିକୋଟ ୯୧୦ ହେକ୍ଟର, ଭଞ୍ଜନଗର ୧୧୯୦ ହେକ୍ଟର, ବେଲଗୁଣ୍ଠା ୭୫୦ ହେକ୍ଟର, ଜଗନ୍ନାଥ ପ୍ରସାଦ ୧୧୦୦ ହେକ୍ଟର, ବୁଗୁଡା ୧୮୫ ହେକ୍ଟର, ଛତ୍ରପୁର ୩୮ ହେକ୍ଟର, ପାତ୍ରପୁର ୫୨୫ ହେକ୍ଟର, ଗଞ୍ଜାମ ୫୦୦ ହେକ୍ଟର, ହିଞ୍ଜିଳି ୫୦୬ ହେକ୍ଟର ଓ ବେଗୁନିଆପଡା ଅଞ୍ଚଳରେ ୫୪୦ ହେକ୍ଟର ମାଣ୍ଡିଆ ଚାଷ ହୋଇଥିବା ସୂଚନା ମିଳିଛି। ତେବେ ଜିଲାରେ ଛୋଟ ମାଣ୍ଡିଆ ଜାତୀୟ ଚାଷ ମଧ୍ୟ ହୋଇଥାଏ। ଏହି ଚାଷ ଚଳିତ ବର୍ଷ ୧୧୩୦ ହେକ୍ଟରରେ ଲକ୍ଷ୍ୟ ରଖାଯାଇଥିବା ବେଳେ ୯୮୨ ହେକ୍ଟରରେ ଚାଷ ହୋଇଥିବା ଜଣାପଡିଛି। ତେବେ ଜିଲାରେ ମାଣ୍ଡିଆ ବ୍ୟତୀତ ମକା, ଯଅ, ବାଜରା ଚାଷ ମଧ୍ୟ ହୋଇଥାଏ। ଚଳିତ ଥର ମକା ପାଇଁ ୨୫୨୩୩ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୪୫୫୫ ହେକ୍ଟର ଚାଷ ହୋଇଛି। ସେହିପରି ବାଜରା ୯୫ ହେକ୍ଟରରେ ଚାଷ ଲକ୍ଷ୍ୟ ରଖାଯାଇଥିଲା। ଏଥିମଧ୍ୟରୁ ୬୦ ହେକ୍ଟର ଚାଷ ଜମିରେ ବାଜରା ଚାଷ ହୋଇଥିବା ଜଣାପଡିଛି। ତେବେ ମାଣ୍ଡିଆକୁ ରାଜ୍ୟ ସରକାର ଟିଡିସି (ଟ୍ରାଇବାଲ ଡେଭଲପମେଣ୍ଟ କର୍ପୋରେଶନ) ମାଧ୍ୟମରେ କିଣିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରୁଥିବାରୁ ଅନେକ ମାଣ୍ଡିଆ ଚାଷୀ ଉପକୃତ ହେଉଛନ୍ତି। ୨୦୨୦-୨୧ରେ ମାଣ୍ଡିଆ କୁଇଣ୍ଟାଲ ପିଛା ଦର ୩୨୯୫ ଟଙ୍କା ରହିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଟିଡିସି ମାଧ୍ୟମରେ ୩୫୦୦ କୁଇଣ୍ଟାଲ ମାଣ୍ଡିଆ କିଣିଥିଲେ। ସେହିପରି ୨୦୨୧-୨୨ରେ ମାଣ୍ଡିଆ କୁଇଣ୍ଟାଲ ପିଛା ୩୩୭୭ ଟଙ୍କା ରହିଥିଲା। ଏହି ଦରରେ ଚାଷୀଙ୍କଠାରୁ ୧୦ ହଜାର ୨୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା। ସେହିଭଳି ୨୦୨୨-୨୩ରେ ମାଣ୍ଡିଆ କୁଇଣ୍ଟାଲ ପିଛା ୩୫୭୮ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଦରରେ ଚଳିତ ବର୍ଷ ଚାଷୀଙ୍କଠୁ ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମିଲଟ ମିଶନର ସ୍କିମ୍ ଅଧିକାରୀ ଅଜିତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

## ଷଷ୍ଠଶ୍ରେଣୀ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

**ବ୍ରହ୍ମପୁର ଅଫିସ, ୨୫।୧୧**

ବ୍ରହ୍ମପୁରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଉପର ଶ୍ରେଣୀର କେତେଜଣ ଛାତ୍ର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଶୁକ୍ରବାର ଗୋଷାଣୀନୁଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବ୍ରହ୍ମପୁର ଏସଡ଼ିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଉକ୍ତ ଶିକ୍ଷାନୁଷ୍ଠାନ ଅଧକ୍ଷଙ୍କ ପ୍ରତିକ୍ରିୟା ନିମନ୍ତେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା। ଶିକ୍ଷାନୁଷ୍ଠାନରେ ଛାତ୍ରଙ୍କୁ ନିର୍ଯାତନା ଘଟଣାକୁ ଭିତ୍ତିକରି ଶୁକ୍ରବାର ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟ କାରୀଣୀ ସଦସ୍ୟ କାହ୍ନୁଚରଣ ପତିଙ୍କ ନେତୃତ୍ୱରେ ଭାଜପାର ଏକ ଟିମ ଗୋଷାଣୀ ନୁଆଗାଁ ଥାନା ଆଇଆଇସିଙ୍କୁ ଭେଟି ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ସହ ଆଲୋଚନା କରିଥିଲେ। ଭାଜପାର ପୂର୍ବତନ ଡ଼ୁରା ସରପଞ୍ଚ ମମତାମୟୀ ରଣା,ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଢ଼େଙ୍ଗୀ, ଯୁବ ନେତା ଶିବ ଶଙ୍କର ନାୟକଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଦାୟିତ୍ୱ ନେଲେ ବିସିସି ବ୍ୟାଙ୍କ ନୂତନ ସଭାପତି

**ବ୍ରହ୍ମପୁର ଅଫିସ,୨୫।୧୧**

ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ପରିଚାଳନା ବୋର୍ଡର ନିର୍ବାଚିତ ସଭାପତି ଶିବରାମ ପାତ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ୧୬ ତାରିଖରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବିସିସି ବ୍ୟାଙ୍କ ପରିସରରେ ନୂତନ ସଭାପତିଙ୍କୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ସଂଘ ସଭାପତି କୈଳାସ ରଣାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଓ ନେତା ଶୁଭେଚ୍ଛା ଜଣାଇଥିଲେ। ବ୍ୟାଙ୍କ କର୍ମଚାରୀ ଓ ବିଭିନ୍ନ ପ୍ରାଥମିକ ସେବା ସମବାୟ ସମ୍ପାଦକ ଏବଂ ସଭାପତିମାନେ ଉପସ୍ଥିତ ଥିଲେ। ଗତ ଅକ୍ଟୋବର ୩୦ରେ ଅନୁଷ୍ଠିତ ନିର୍ଦ୍ଦେଶକ ନିର୍ବାଚନରେ କୁକୁଡ଼ାଖଣ୍ଡି ୧୧ନଂ ଜୋନରୁ ଶିବରାମ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିଜେଡି ମନୋନୀତ ପ୍ରାର୍ଥୀଙ୍କୁ ପରାସ୍ତ କରି ସେ ଶାସକ ଦଳର ବିଦ୍ରୋହୀ ଭାବେ ଜିତିଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଚୟନରେ ବିଭ୍ରାଟ ଯୋଗୁ ୧୫ ଜୋନରୁ ଅର୍ଦ୍ଧାଧିକ ବିଦ୍ରୋହୀ ନିର୍ବାଚିତ ହୋଇଥିଲେ। ସମ୍ବର୍ଦ୍ଧନା ସମାବେଶରେ କେତେକ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଏହି ବ୍ୟାଙ୍କ ପ୍ରଥମେ ଘରୋଇ ଭାବେ ୧୯୧୬ ଅକ୍ଟୋବର ୮ରେ ପ୍ରତିଷ୍ଠା ହୋଇଥିଲା। ୧୦୬ ବର୍ଷର ଏହି ସମବାୟ ସଂସ୍ଥାରେ ବହୁ ବିଶିଷ୍ଟ ବ୍ୟକ୍ତି ସଭାପତି ଥିଲେ। ୧୫ରୁ ଅଧିକ ଆଇଏଏସ୍ ଏବଂ ଓସିଏସ୍ ଅଧିକାରୀ ପ୍ରଶାସକ ଦାୟିତ୍ୱ ତୁଲାଇଥିଲେ। ଶିବରାମ ହେଉଛନ୍ତି ୪୫ତମ ସଭାପତି।

## ଝୁଲା ବ୍ରିଜ୍‌ର ସୁରକ୍ଷା ନେଇ ପ୍ରଶାସନ ତତ୍ପର



ଖଡ୍‌ଗ ନଦୀ ଉପରେ ହୋଇଥିବା ଝୁଲା ବ୍ରିଜ୍।

**ବାଲିଗୁଡ଼ା,୨୫।୧୧(ଡି.ଏନ.ଏ)**

କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ବୁଡ୍‌ବୁକିଆ ପଞ୍ଚାୟତ ଓ କୁଟିକିଆ ପଞ୍ଚାୟତକୁ ଯାତାୟତ ନିମନ୍ତେ ରାସ୍ତାରେ ଚିରସ୍ରୋତା ଖଡ୍‌ଗ ନଦୀ ପଡେ। ସେହି ନଦୀ ଉପରେ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏକ ଝୁଲାବ୍ରିଜ୍ ୨୦୧୧ରେ ନିର୍ମାଣ କରାଯାଇ ଉଭୟ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ବାଲିଗୁଡାକୁ ଯାତାୟାତ କରିବା ପାଇଁ ସୁବିଧା କରାଯାଇଥିଲା। ଦୀର୍ଘଦିନ ହେବ ଉକ୍ତ ବ୍ରିଜ ଠିକ୍ ରକ୍ଷଣାବେକ୍ଷଣ ନ ହେବା, ଉପକରଣ ଖୋଲିକି କେହି ନେଇଯାଉଥିବାରୁ ଲୋକଙ୍କ ଯାତାୟତ ବେଳେ କୌଣସି ଅଘଟଣ ଆଶଙ୍କା କରି ତାହାର ଯାଞ୍ଚ କରାଯାଇଛି। ୨ ଜଣିଆ ଟେକ୍ନିସିଆନ ଟିମ ସହ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, କନିଷ୍ଠ ଯନ୍ତ୍ରୀ ଝୁଲା ବ୍ରିଜର ସୁରକ୍ଷା ତଦାରଖ କରିଥିଲେ। ବ୍ରିଜ୍ ସମ୍ପୂର୍ଣ୍ଣ ସୁରକ୍ଷିତ ନ ଥିବାରୁ ଭାରିଯାନ ଯାତାୟାତ ଉପରେ ରୋକ ଲଗାଯାଇଥିବା ବେଳେ ବାଇକ ଭଳି ଯାନ ଯିବା ଆସିବା ନେଇ ବ୍ୟବସ୍ଥା ହୋଇଛି। ଏହାର ତୁରନ୍ତ ମରାମତି କରାଯିବା ନେଇ ବିଭାଗ ତତ୍ପର ଥିବା ପ୍ରକଳ୍ପ ପ୍ରଶାସକ ମଧୁସୁଦନ ବେହେରା ପ୍ରକାଶ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ପ୍ରଦୀପ



@ ସଞ୍ଜୟ



@ ରୁଦ୍ର



@ ଭବାନୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫେରାର୍ ୩ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୫।୧୧**

ବଡ଼ବଜାର ଥାନା ଅନ୍ତର୍ଗତ ଗୋଲାଗାଁ -ସୁକୁଣ୍ଡା ରାସ୍ତା ମଧ୍ୟସ୍ଥ ଏକ ନିଛାଟିଆ ସ୍ଥାନରେ ଗତ ୨୦ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ପାଟ୍ରୋଲିଂ ପୋଲିସ ସେଠାରେ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିଥିବା ବେଳେ ୪ ଜଣ ଫେରାର୍ ହୋଇଯାଇଥିଲେ। ଫେରାର୍ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ବଡବଜାର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ହରିଡାଖଣ୍ଡି ଧର୍ମନଗରର ବଳରାମ ସାହୁ ଓରଫ ବଳିଆ, ଗେଟବଜାର ଓଆରଟି କଲୋନୀର ବୁବୁ ମହାନ୍ତି ଓ କାଲୁପାତ୍ର ସାହିର କମଳ ପାତ୍ର। ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ସଙ୍ଗୀନ ମାମଲା ରହିଥିବା ପୋଲିସ କହିଛି। ମାମଲା ନଂ. ୩୧୩/୨୨ରେ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ନିକଟରୁ ଖଣ୍ଡା, କାତି, ବୋମା ଆଦି ମାରଣାସ୍ତ୍ର ଜବତ ହୋଇଥିଲା। ଏବେ ଉକ୍ତ ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ଡକାୟତି ଯୋଜନା ପଣ୍ଡ



ଗିରଫ ଅଭିଯୁକ୍ତ।

# ବ୍ରହ୍ମପୁର ବିମାନବନ୍ଦର ଦାବି ନେଇ ରାଜନୀତି

**ବ୍ରହ୍ମପୁର ଅଫିସ,୨୫।୧୧**

- ଆବଶ୍ୟକ ସରକାରୀ ଜମି ଅଭାବରୁ ସମସ୍ୟା
- ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ରନ୍‌ୱେ ସମ୍ପ୍ରସାରଣ ପ୍ରସ୍ତାବ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁର ନିକଟସ୍ଥ ଗୋପାଳପୁର ବେଳାଭୂମି ଆକର୍ଷଣୀୟ ହୋଇଥିବାରୁ ରାଜ୍ୟ ଓ ଦେଶର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାପିତ ହୋଇଛି। ଗୋପାଳପୁର ବନ୍ଦର, ଭାରତୀୟ ବିରଳ ମୃତ୍ତିକା ସଂସ୍ଥା, ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଆଇଜର ସମେତ ଦୁଇଟି ବିଶ୍ୱବିଦ୍ୟାଳୟ, ଅନେକ କଲେଜ ଓ ମେଡିକାଲ କଲେଜ ଆଦି ଅଛି। ବ୍ୟବସାୟ ବାଣିଜ୍ୟର ପେଣ୍ଠ ବୋଲି କୁହାଯାଉଛି। ଏହାସହ ମହାନଗର ନିକଟସ୍ଥ ମିଲିଟାରୀ କ୍ୟାଣ୍ଟନମେଣ୍ଟ ବହୁବର୍ଷ ତଳୁ ପ୍ରତିଷ୍ଠା ହୋଇଛି। ବିମାନ ଯାତ୍ରା ପାଇଁ ଲୋକେ ଭୁବନେଶ୍ୱର ଓ ବିଶାଖାପାଟଣା ଯିବାକୁ ପଡୁଛି। ତେଣୁ ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି।

ରାଜ୍ୟର ପଶ୍ଚିମାଞ୍ଚଳର ଝାରସୁଗୁଡ଼ା ଏବଂ ଦକ୍ଷିଣାଞ୍ଚଳର ଜୟପୁରରେ ବିମାନ ବନ୍ଦର ହୋଇଥିବା ବେଳେ ବ୍ରହ୍ମପୁର ପ୍ରତି ଅବହେଳା କରାଯାଇଥିବା ବିଭିନ୍ନ ମହଲ ଅଭିଯୋଗ କରୁଛନ୍ତି। ଅପରପକ୍ଷରେ ବିମାନ ବନ୍ଦର ଦାବି ନେଇ କେତେକ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ ହେଉଛି। ବିମାନ ବନ୍ଦର ପାଇଁ ବିସ୍ତୃତ ଜମି ଆବଶ୍ୟକ। ମହାନଗର ପାର୍ଶ୍ୱ ଅଞ୍ଚଳରେ ସରକାରୀ ଜମି ନ ଥିବାରୁ ସମସ୍ୟା ଦେଖାଦେଇଛି। ତେଣୁ ରାଜ୍ୟ ସରକାର ନିଷ୍ପତ୍ତି ନେଇପାରୁନଥିବା ନାମ ଗୋପନ ରଖି ସର୍ତ୍ତରେ ଜଣେ ପଦାଧିକାରୀ ସୂଚାଇଛନ୍ତି। ଏଭଳି ସ୍ଥିତିରେ ବିମାନ ବନ୍ଦର ଆଶା ମଉଳିବାରେ ଲାଗିଛି।

ବ୍ରିଟିଶ ସରକାର ଅମଳରେ ଶତାଧିକ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍। ସେହି ପାଖରେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଭଞ୍ଜ ବିହାର କରାଯାଇଛି। ଏୟାରଷ୍ଟ୍ରିପରେ ହେଲିକପ୍ଟର ଓ ଛୋଟ ବିମାନ ଉଡ଼ାଣର ସୁବିଧା ରହିଛି। ବଡ଼ ବିମାନ ଉଡ଼ାଣ ଲାଗି ରନୱେ ବଢ଼ାଇବା ଆବଶ୍ୟକ ପଡୁଛି। ସେଥିନିମନ୍ତେ ଘରୋଇ ଜମି ଅଧିଗ୍ରହଣ ପାଇଁ ମୂଲ୍ୟ ମାତ୍ରାଧିକ ହୋଇଥିବାରୁ ସମସ୍ୟା ଉପୁଜିଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ କହିବାନୁସାରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ରନ୍‌ୱେ ଲମ୍ବା ହେଲେ ବିମାନ ଚଳାଚଳ ସମ୍ଭବ ହେବ। ଜମି ଅଧିଗ୍ରହଣ ଲାଗି ଆଲୋଚନା ଚାଲିଛି। ଏଥିନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରାଇବା ସହ ସମସ୍ୟା ସମାଧାନ କରାଯିବାର ଦର୍ଶାଇଛନ୍ତି।

ରଙ୍ଗେଇଲୁଣ୍ଡା ବ୍ଲକ ରାଜସ୍ୱ ଅଧିକାରୀ ତଥା କନିଷ୍ଠ ତହସିଲଦାର କହିଛନ୍ତି, ଏୟାର ଷ୍ଟ୍ରିପ୍ ରନ ୱେ ସମ୍ପ୍ରସାରଣ ଲାଗି କେତେ ପରିମାଣର ଜମି ଆବଶ୍ୟକ ସେଥିପାଇଁ ଏୟାରପୋର୍ଟ ଅଥରିଟି ଅଧିକାରୀଙ୍କୁ ଚିଠି ପଠାଯାଇଛି। ସେ ବର୍ତ୍ତମାନ ସୁଦ୍ଧା ଫିଜିବିଲିଟି ରିପୋର୍ଟ ଦେଇନାହାନ୍ତି। ତେଣୁ ଘରୋଇ ଜମି ଅଧିଗ୍ରହଣରେ ସମସ୍ୟା ଦେଖାଦେଇଛି। ତଥାପି ତ୍ୱରିତ ପଦକ୍ଷେପ ନିଆଯିବାର ସେ ସ୍ପଷ୍ଟ କରିଛନ୍ତି। ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ କିଛି ବର୍ଷ ତଳେ ମନ୍ତ୍ରୀ ହୋଇଥିଲେ। ସେତେବେଳେ ପଦକ୍ଷେପ ନେଇନଥିଲେ। ଏବେ ବିମାନ ବନ୍ଦର କରାଯିବାକୁ ସ୍ୱର ଉଠାଇଛନ୍ତି।

ଭାଜପା ଓ ଆରଏସ୍ଏସ୍‌ର କେତେକ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ଗଠନ କରିଛନ୍ତି। ବ୍ରହ୍ମପୁର ବିମାନ ବନ୍ଦର ପ୍ରତିଷ୍ଠା ନିମନ୍ତେ ବହୁବାର ଆନ୍ଦୋଳନ ଏବଂ ସରକାରଙ୍କୁ ଦାବିପତ୍ର ଦେଇଛନ୍ତି। ବିମାନ ବନ୍ଦର ଲାଗି କେନ୍ଦ୍ର ସରକାର ମଞ୍ଜୁରି ଦେଇ ଦେଇଛନ୍ତି ଏବଂ ରାଜ୍ୟ ସରକାର ଜମି ଯୋଗାଇ ଦେଉନଥିବା ରାଜନୈତିକ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଭାଜପା ନେତୃତ୍ୱାଧିନ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିସରକାରରେ ଆନ୍ଧ୍ରର ଟିଡିପି (ତେଲୁଗୁ ଦେଶମ ପାର୍ଟି) ସାମିଲ ହୋଇଥିଲା। ସେତେବେଳେ ବିଜୟନଗରମ୍ ବିଧାୟକ ଗଜପତି ରାଜୁ ବେସାମରିକ ବିମାନ ଚଳାଚଳ କ୍ୟାବିନେଟ ମନ୍ତ୍ରୀ ଥିଲେ। ୨୦୧୬ ଜୁନ ୧୪ରେ ବ୍ରହ୍ମପୁରରେ ଅନୁଷ୍ଠିତ ମୋଦି ସରକାରଙ୍କ ବିଜୟ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେତେବେଳେ ବ୍ରହ୍ମପୁର ବିମାନ ବନ୍ଦର ପ୍ରସଙ୍ଗ ନେଇ ଦାବି ହୋଇଥିଲା। ପଦକ୍ଷେପ ନିଆଯିବାର ସେ ଭାଷଣ ପ୍ରସଙ୍ଗରେ କହିଥିଲେ। ଏହାର ୬ ବର୍ଷ ବିତିଛି ଏବଂ ଟିଡିପିଏନଡିଏରୁ ଓହରିଯାଇଛି। ତେବେ ବିମାନ ବନ୍ଦର ଲାଗି କେନ୍ଦ୍ରର ଆନ୍ତରିକତା ନ ଥିବା ସ୍ପଷ୍ଟ ହୋଇଛି। କେବଳ ରାଜନୀତି ପାଇଁ ଫୋରମ ଗୁରାଳି କରୁଛି। ଗତ କିଛି ବର୍ଷ ତଳେ ଭୁବନେଶ୍ୱର ଓ ରଙ୍ଗେଇଲୁଣ୍ଡା ମଧ୍ୟରେ ଏକ ଘରୋଇ ଉଦ୍ୟୋଗର ଛୋଟ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା। ଟିକେଲ ମୂଲ୍ୟ ବୃଦ୍ଧି ଏବଂ ଯାତ୍ରୀ ଯିବା ଆସିବା ଅତି କମ ଯୋଗୁ ମାତ୍ର ସପ୍ତାହକରେ ତାହା ବନ୍ଦ ହୋଇଯାଇଥିଲା। ଏଭଳି ସ୍ଥିତିରେ ଏବେ ବିମାନ ବନ୍ଦର ପ୍ରତିଷ୍ଠା ଦାବି ଜୋର ଧରିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ହିନ୍ଦ୍ ମଜଦୁର ସଭା

**ବ୍ରହ୍ମପୁର ଅଫିସ,୨୫।୧୧**

କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ଭାବେ କାର୍ଯ୍ୟରତ ଶ୍ରମିକଙ୍କ ଲାଗି ମୁଖ୍ୟମନ୍ତ୍ରୀ କରିଥିବା ବିଭିନ୍ନ ଘୋଷଣାକୁ ଓଡିଶା କେନ୍ଦୁ ପତ୍ର କର୍ମଚାରୀ ସଂଘ ଓ ହିନ୍ଦ ମଜଦୁର ସଭା ଗଞ୍ଜାମ ଜିଲା ଶାଖା ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଘୋଷଣା କେନ୍ଦୁପତ୍ର ତୋଳାଳି ଓ ସମସ୍ତ ଶ୍ରମିକଙ୍କ ସାମାଜିକ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ସହାୟକ ହେବ ବୋଲି ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ଦାଶ କହିଛନ୍ତି। କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ପୁଅ ଏବଂ ଝିଅଙ୍କୁ ଛାତ୍ରବୃତ୍ତି, ପ୍ରୋତ୍ସାହନ ବାବଦ ଅର୍ଥ ପ୍ରଦାନ ଆଦି ଘୋଷଣା ବହୁ ଆଦିବାସୀ ଶ୍ରେଣୀର ମହିଳା ତଥା ଅନ୍ୟାନ୍ୟ ଶ୍ରମିକଙ୍କୁ ଖୁସି ଦେଇଛି ବୋଲି ସଂଘର ଆବାହାକ ସତ୍ୟ ତ୍ରିପାଠୀ, ସମାଜିକ କର୍ମୀ ନେତା ନରସିଂହ ସାହୁ, ନାରୀ ନେତ୍ରୀ ମମତା ନାୟକ, କୋମଳ ପାତ୍ର, ଶଙ୍କର ଗୌଡ, ଏମ.କାଶୀନାଥ ପ୍ରମୁଖ ମତ ପ୍ରକାଶ କରିଛନ୍ତି।

